# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**30 May - 2024**

**News Editor : *Tapan Kumar Maharana***

*********************************

## ମୁଖ୍ୟ ସମ୍ବାଦ

- ଦେଶ ଓ ରାଜ୍ୟର ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ପାଇଁ ଚାଲିଥିବା ପ୍ରଚାର ଶେଷ; ଆସନ୍ତା ଶନିବାର ଦିନ ନିଆଯିବ ଭୋଟ
- ଅନ୍ତିମ ପର୍ଯ୍ୟାୟରେ ରାଜ୍ୟର ୯୯ ଲକ୍ଷ ୬୧ ହଜାର ମତଦାତା ସାବ୍ୟସ୍ତ କରିବେ ମତାଧିକାର
- ପୁରୀ ଶ୍ରୀକ୍ଷେତ୍ର ଭଉଁରୀ ଯାତ୍ରା ସମୟରେ ଘଟିଥିବା ବାଣ ବିସ୍ଫୋରଣର ତଦନ୍ତ କରିବେ ସ୍ୱତନ୍ତ୍ର ରିଲିଫ୍ କମିଶନର

— ମୃତକଙ୍କ ପରିବାର ପାଇଁ ୪ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କଲେ ମୁଖ୍ୟମନ୍ତ୍ରୀ

- ସ୍ୱାସ୍ଥ୍ୟବୀମା ସମ୍ପର୍କିତ ଦାବି ଗୁଡ଼ିକର ସମାଧାନ ପାଇଁ ନୂଆ ମାର୍ଗଦର୍ଶିକା ଜାରି କଲା ଭାରତୀୟ ବୀମା ନିୟାମକ ବିକାଶ ପ୍ରାଧିକରଣ

ଏବଂ

- ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ଛୁଇଁଲା କେରଳ ଉପକୂଳ

— ରାଜ୍ୟରେ ବୃଦ୍ଧି ପାଉଛି ତାପମାତ୍ରା; ଚଳିତବର୍ଷ ସର୍ବାଧିକ ତାପମାତ୍ରା ୪୭ ଡିଗ୍ରୀ ଝାରସୁଗୁଡ଼ାରେ ରେକର୍ଡ

# ସପ୍ତମ ପର୍ଯ୍ୟାୟ ନିର୍ବାଚନ

ଦେଶରେ ସପ୍ତମ ତଥା ଅନ୍ତିମ ପର୍ଯ୍ୟାୟ ସାଧାରଣ ନିର୍ବାଚନ ଲାଗି ଆଜି ପ୍ରଚାର ଶେଷ ହୋଇଛି।  ଏହି ପର୍ଯ୍ୟାୟରେ ୭ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ର ଶାସିତ ଅଞ୍ଚଳର ମୋଟ୍ ୫୭ଟି ସଂସଦୀୟ କ୍ଷେତ୍ର ଲାଗି ଆସନ୍ତା ଶନିବାର ଦିନ ଭୋଟ୍ ନିଆଯିବ। ଏହି ପର୍ଯ୍ୟାୟରେ ୯୦୪ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ତି। ସେହିଦିନ ଓଡ଼ିଶାରେ ହେବାକୁ ଥିବା ଚତୁର୍ଥ ପର୍ଯ୍ୟାୟ ନିର୍ବାଚନରେ ୬ଟି ସଂସଦୀୟ କ୍ଷେତ୍ର ଏବଂ ଏହାର ଅନ୍ତର୍ଗତ ୪୨ଟି ବିଧାନସଭା ଆସନ ଲାଗି ଏକ ସଙ୍ଗେ ଭୋଟ୍ ନିଆଯିବ। ଏହି ସଂସଦୀୟ କ୍ଷେତ୍ର ଗୁଡ଼ିକ ହେଉଛି ମୟୂରଭଞ୍ଜ, ବାଲେଶ୍ୱର, ଯାଜପୁର, କେନ୍ଦ୍ରାପଡ଼ା, ଭଦ୍ରକ ଓ ଜଗତସିଂହପୁର । ଏହି ସଂସଦୀୟ କ୍ଷେତ୍ରଗୁଡ଼ିକ ପାଇଁ ୬୬ ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅଛନ୍ତି। ସେହିପରି ୪୨ଟି ବିଧାନସଭା କ୍ଷେତ୍ର ପାଇଁ ମୋଟ୍ ୩୯୪ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି।

ଲୋକସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବିଜେପି ନେତା ପ୍ରତାପ ଷଡ଼ଙ୍ଗୀ, ବିଜେପିର ଜାତୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ଏବଂ କଂଗ୍ରେସର ଶ୍ରୀକାନ୍ତ କୁମାର ଜେନା ଅଛନ୍ତି ।

ସେହିଭଳି ବିଧାନସଭା ଲାଗି  ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ବିଜେଡ଼ିର ବରିଷ୍ଠ ନେତା ତଥା ମନ୍ତ୍ରୀ ଅତନୁ ସବ୍ୟସାଚୀ

ନାୟକ, ଅଶ୍ୱିନୀ ପାତ୍ର, ତୁଷାରକାନ୍ତୀ ବେହେରା, ପ୍ରଦେଶ କଂଗ୍ରେସ କମିଟିର ପୂର୍ବତନ ସଭାପତି ନିରଞ୍ଜନ ପଟ୍ଟନାୟକ ଏବଂ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ପ୍ରମୁଖ ରହିଛନ୍ତି ।

ଅନ୍ତିମ ପର୍ଯ୍ୟାୟରେ ମୋଟ୍ ୯୯ ଲକ୍ଷ ୬୧ ହଜାର ୫୭ ଜଣ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ।  ମତଦାନ ପାଇଁ ମୋଟ୍ ୧ ହଜାର ୮୮୨ଟି ବୁଥ୍ କରାଯାଇଛି।  ଭୋଟ୍‌ଗ୍ରହଣ ପ୍ରକ୍ରିୟାକୁ ମୁକ୍ତ, ଅବାଧ, ନିରପେକ୍ଷ ଓ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ନିମନ୍ତେ ମୋଟ୍ ୧୨୫ କମ୍ପାନୀ ସି.ଏ.ପି.ଏଫ୍. ନିୟୋଜିତ କରାଯିବ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ସୂଚନା ଦେଇଛନ୍ତି।

**- V/O –**

## ନିର୍ବାଚନ ପ୍ରଚାର

ନିର୍ବାଚନ ପ୍ରଚାରର  ଆଜି ଶେଷ ଦିନରେ  ବିଭିନ୍ନ ରାଜୈନତିକ ଦଳର ବରିଷ୍ଠ ନେତୃବୃନ୍ଦ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଜନସମାବେଶ ଓ ରୋଡ ଶୋ’ ମାଧ୍ୟମରେ ଭୋଟରଙ୍କୁ ନିଜ ଆଡ଼କୁ ଆକୃଷ୍ଟ କରିବା ପାଇଁ ପ୍ରୟାସ ଜାରି ରଖିଥିଲେ।  ବିଜେପି ନେତା ତଥା କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ମୟୂରଭଞ୍ଜ ଜିଲ୍ଲା ଯଶୀପୁରଠାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି।

କଂଗ୍ରେସର ବରିଷ୍ଠ ନେତା ରାହୁଲ ଗାନ୍ଧି ଆଜି ଓଡ଼ିଶା ଗସ୍ତରେ ଆସି ବାଲେଶ୍ୱର ଲୋକସଭା ନିର୍ବାଚନ ମଣ୍ଡଳୀର ସିମୁଳିଆଠାରେ ଏକ ଜନସମାବେଶରେ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ମଧ୍ୟ ପ୍ରଚାର କରିଛନ୍ତି ।

ଭଦ୍ରକ ଜିଲ୍ଲାର ଧାମନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଧୁସୁରୀ ଏବଂ ସାଆଁଳପୁରଠାରେ ବିଜେପି ଏବଂ ବିଜେଡ଼ି ପକ୍ଷରୁ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଛି।

## ଶ୍ରୀକ୍ଷେତ୍ର ଭଉଁରୀ ଉତ୍ସବ-ଦୁର୍ଘଟଣା

ପୁରୀ ଶ୍ରୀକ୍ଷେତ୍ରରେ ଭଉଁରୀ ଯାତ୍ରା ସମୟରେ ଗତକାଲି ଘଟିଥିବା ବାଣ ବିସ୍ଫୋରଣ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ୍ କମିଶନର ଏହି ଘଟଣାର ତଦନ୍ତ କରିବେ। ମୁଖ୍ୟମନ୍ତ୍ରୀ ଦୁର୍ଘଟଣାରେ ମୃତକଙ୍କ ନିକଟତମ ଆତ୍ମୀୟଙ୍କ ପାଇଁ ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତାରାଶି ଘୋଷଣା କରିଛନ୍ତି। ସେହିପରି ଆହତମାନଙ୍କ ଚିକିତ୍ସା ଖର୍ଚ୍ଚ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ବହନ କରାଯିବ। ମୁଖ୍ୟମନ୍ତ୍ରୀ ଆଜି ପୂର୍ବାହ୍ଣରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲକୁ ଯାଇ ସେଠାରେ ଚିକିତ୍ସିତ ହେଉଥିବା ଆହତ ବ୍ୟକ୍ତିମାନଙ୍କୁ ଭେଟିଥିଲେ।

ଆଜି ଅପରାହ୍ଣରେ ମୁଖ୍ୟ ଶାସନ ସଚିବ ପୁରୀରେ ପହଞ୍ଚି ନରେନ୍ଦ୍ର ପୁଷ୍କରିଣୀରେ ବାଣ ବିସ୍ଫୋରଣ ଘଟଣାର ଅନୁଧ୍ୟାନ କରିଛନ୍ତି।

ଦୁର୍ଘଟଣାସ୍ଥଳୀକୁ ଯାଇ ସ୍ଥିତି ଅନୁଧ୍ୟାନ କରିବା ସହ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟକୁ ଯାଇ ଶ୍ରୀ ଜେନା ଆହତମାନଙ୍କୁ ଭେଟି ସ୍ୱାସ୍ଥାବସ୍ଥା ପଚାରି ବୁଝିଥିଲେ।

ସୂଚନାଯୋଗ୍ୟ, ଗତକାଲି ପୁରୀ ଶ୍ରୀକ୍ଷେତ୍ରରେ ନରେନ୍ଦ୍ର ପୁଷ୍କରିଣୀଠାରେ ଭଉଁରୀ ଯାତ୍ରା ସମୟରେ ବାଣ ବିସ୍ଫୋରଣ ଘଟି ୩ ଜଣଙ୍କ ମୃତ୍ୟୁ ହେବା ସହ ୨୭ ଜଣ ଆହତ ହୋଇଥିଲେ।  ଏହି ଘଟଣାରେ ପୁଲିସ୍ ନିଜ ଆଡୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବାଣ ଫୁଟାଇବା ପାଇଁ ଅନୁମତି ଓ ଏଥିରେ ସମ୍ପୃକ୍ତି ନେଇ ତଦନ୍ତ ଆରମ୍ଭ ହୋଇଥିବା ପୁରୀ ଆରକ୍ଷୀ ଅଧିକ୍ଷକ ପିନାକୀ ମିଶ୍ର କହିଛନ୍ତି। ତଦନ୍ତ ପରେ ଆଇନ୍ ଅନୁଯାୟୀ, କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

## ଆଇ.ଆର.ଡି.ଏ.-ସ୍ୱାସ୍ଥ୍ୟବୀମା

ଭାରତୀୟ ବୀମା ନିୟାମକ ବିକାଶ ପ୍ରାଧିକରଣ-ଆଇ.ଆର.ଡି.ଏ. ସ୍ୱାସ୍ଥ୍ୟବୀମା ଦାବି ସମାଧାନ ନିୟମରେ ପରିବର୍ତ୍ତନ କରିଛନ୍ତି। ପୂର୍ବରୁ ସ୍ୱାସ୍ଥ୍ୟବୀମା ଜରିଆରେ ରୋଗୀଙ୍କୁ ଡାକ୍ତରଖାନାରେ ଅନେକ ସମୟ ଧରି ଅପେକ୍ଷା କରିବାକୁ ପଡୁଥିବାବେଳେ ଏଣିକି ମାତ୍ର ୩ ଘଣ୍ଟା ମଧ୍ୟରେ ସ୍ୱାସ୍ଥ୍ୟବୀମା ଦାବିର ସମାଧାନ ହେବ। ଏ ନେଇ ଆଇ.ଆର.ଡି.ଏ. ୫୫ଟି ନିର୍ଦ୍ଦେଶନାମାକୁ ପ୍ରତ୍ୟାହାର କରି ଏକ ନୂତନ ମାର୍ଗଦର୍ଶିକା ଜାରି କରିଛନ୍ତି। ଫଳରେ ଏଣିକି ଡାକ୍ତରଖାନାରୁ ଡିସ୍‌ଚାର୍ଜ ଅନୁରୋଧ କରିବାର ୨ ଘଣ୍ଟା ମଧ୍ୟରେ ସ୍ୱାସ୍ଥ୍ୟବୀମା କମ୍ପାନୀଗୁଡ଼ିକ ଦାବି ସମାଧାନ କରିବାକୁ ବାଧ୍ୟ ହେବେ। ଯଦି ନିର୍ଦ୍ଧାରିତ ସମୟ ମଧ୍ୟରେ ଦାବି ସମାଧାନ ନ ହୁଏ, ସେ କ୍ଷେତ୍ରରେ ସ୍ୱାସ୍ଥ୍ୟବୀମା କମ୍ପାନୀଗୁଡ଼ିକୁ ଅତିରିକ୍ତ ଅର୍ଥରାଶି ଦେବାକୁ ପଡିବ।

## କୁଳପତି

ପ୍ରଫେସର ଶ୍ୟାମସୁନ୍ଦର ପଟ୍ଟନାୟକଙ୍କୁ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର କୁଳପତି ନିଯୁକ୍ତ କରାଯାଇଛି। ରାଜ୍ୟପାଳ ତଥା କୁଳାଧିପତି ରଘୁବର ଦାସ ତାଙ୍କୁ ଏହି ନିଯୁକ୍ତି ଦେଇଥିବା ରାଜଭବନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

## ଟ୍ରେନ୍ ବାତିଲ୍

ପୂର୍ବତଟ ରେଳପଥରେ ନିରାପତ୍ତା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟପାଇଁ ୬ ଯୋଡା ଟ୍ରେନ୍‌କୁ ବାତିଲ କରାଯାଇଛି। ଏଥିସହ କେତେକ ଟ୍ରେନ୍‌ର ମାର୍ଗ ପରିବର୍ତ୍ତନ କରାଯିବା ସହି ଅନ୍ୟ କେତେକ ଟ୍ରେନ୍‌ର ସମୟ ପୁନଃ ନିର୍ଦ୍ଧାରଣ କରାଯାଇଛି। ରାଉରକେଲା-ପୁରୀ-ରାଉରକେଲା ଏକ୍ସପ୍ରେସ୍ ଟ୍ରେନ୍ ଆଜିଠାରୁ ଜୁନ୍ ୧୪ ତାରିଖ ପର୍ଯ୍ୟନ୍ତ ରାଉରକେଲାଠାରୁ ଏବଂ ଆସନ୍ତାକାଲିଠାରୁ ଜୁନ୍ ୧୫ ପର୍ଯ୍ୟନ୍ତ ପୁରୀରୁ ବାତିଲ୍ କରାଯାଇଛି। ସେହିପରି ପୁରୀ-ତାଳଚେର-ପୁରୀ ପାସେଞ୍ଜର ସ୍ପେଶାଲ୍ ଆଜିଠାରୁ ଜୁନ୍ ୫ ପର୍ଯ୍ୟନ୍ତ ପୁରୀରୁ ଏବଂ ଆସନ୍ତାକାଲିଠାରୁ ଜୁନ୍ ୬ ପର୍ଯ୍ୟନ୍ତ ତାଳଚେରଠାରୁ ବାତିଲ୍ ରହିବ। ସେହିପରି ଅନ୍ୟାନ୍ୟ କେତେକ ଟ୍ରେନ୍‌ର ମଧ୍ଯ ସମୟରେ ପରିବର୍ତ୍ତନ କରାଯାଇଛି।

## ବୁଢ଼ୀ ଠାକୁରାଣୀଙ୍କ ଯାତ୍ରା

ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ସହର ଆଙ୍କୋଲିର ଅଧିଷ୍ଠାତ୍ରୀ ଦେବୀ ମା’ କନକଦୁର୍ଗା ବୁଢ଼ୀ ଠାକୁରାଣୀଙ୍କ ଯାତ୍ରା ଆରମ୍ଭ ହୋଇଛି। ଏହା ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ।

ସେହିପରି ବୌଦ୍ଧ ଜିଲ୍ଲାର ଆଡେଣୀଗଡ଼ଠାରେ ଗ୍ରାମର ଇଷ୍ଟଦେବୀଙ୍କ ପୂଜା ପାଳିତ ହୋଇଛି । ଇଷ୍ଟଦେବୀ ମାଟି ମା'ଙ୍କୁ ପୂଜା କଲେ ଗାଁରେ ଚାଷକାମ ଭଲ ହୋଇଥାଏ ବୋଲି ଗ୍ରାମବାସୀଙ୍କ ବିଶ୍ୱାସ ରହିଛି ।

## ପୋଲିଂ ଅଧିକାରୀ-ବୁଥ୍‌କୁ ଯାତ୍ରା

ଆସନ୍ତା ଶନିବାର ଦିନ ରାଜ୍ୟରେ ହେବାକୁ ଥିବା ୬ଟି ଜିଲ୍ଲାରେ ନିର୍ବାଚନ ପାଇଁ ପୋଲିଂ ଅଧିକାରୀ ଏବଂ କର୍ମଚାରୀମାନେ ଭୋଟ କେନ୍ଦ୍ରଗୁଡ଼ିକୁ ଯିବା ଆରମ୍ଭ କରିଛନ୍ତି ।  କେନ୍ଦ୍ରାପଡ଼ା ଜିଲ୍ଲାର ଆଳି, ରାଜନଗର, ମହାକାଳପଡା ବିଧାନସଭା ଆସନ ପାଇଁ ବୁଥ୍ ପରିଚାଳନା ଅଧିକାରୀମାନେ ଇଭିଏମ୍, ଭିଭିପାଟ୍ ଆଦି ସାମଗ୍ରୀ ନେଇ ନିଜ ନିଜ ବୁଥ୍‌କୁ ଯାଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

## ପାଣିପାଗ

ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ଆଜି କେରଳ ଉପକୂଳ ସ୍ପର୍ଶ କରିଛି । ମୌସୁମୀ ପାଇଁ ପାଗ ଅନୁକୂଳ ରହିଥିବା ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି । ଚଳିତ ବର୍ଷ ମୌସୁମୀ ଋତୁରେ ସ୍ୱାଭାବିକଠାରୁ ଅଧିକ ପରିମାଣର ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି ।

## ତାପମାତ୍ରା

ଉତ୍ତର-ପଶ୍ଚିମ ଦିଗରୁ ଶୁଷ୍କ ବାୟୁ ପ୍ରବେଶ କରୁଥିବାରୁ ରାଜ୍ୟରେ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି । ପଶ୍ଚିମ ଓଡ଼ିଶା ସମେତ ଆଭ୍ୟନ୍ତରୀଣ ଅଂଚଳଗୁଡ଼ିକରେ ତାପମାତ୍ରା ବୃଦ୍ଧି ପାଉଥିବାରୁ ଲୋକମାନଙ୍କର ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଛି । ଚଳିତ ଗ୍ରୀଷ୍ମଋତୁର ସର୍ବାଧିକ ତାପମାତ୍ରା ଆଜି ଝାରସୁଗୁଡ଼ାରେ ୪୭ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି । ପଶ୍ଚିମ

ଓଡ଼ିଶାର ପ୍ରାୟ ସବୁ ଜିଲ୍ଲାର ତାପମାତ୍ରା ୪୪ ଡିଗ୍ରୀରୁ ଅଧିକ ଥିବାବେଳେ ରାଜ୍ୟର ୯ଟି ସ୍ଥାନର ତାପମାତ୍ରା ୪୫ ଡିଗ୍ରୀ ଅତିକ୍ରମ କରିଛି। ରାଜ୍ୟର ୧୯ଟି ସହରର ତାପମାତ୍ରା ୪୦ ଡିଗ୍ରୀରୁ ଅଧିକ ଥିବା ପାଣିପାଗ ବିଭାଗ ସୂତ୍ରରୁ ଜଣାପଡିଛି।

ଟିଟିଲାଗଡ଼ ୪୬ ଦଶମିକ ୫, ବରଗଡ଼ ୪୬ ଦଶମିକ ୩, ସମ୍ବଲପୁର ୪୬ ଦଶମିକ ୨, ମାଲକାନଗିରି ଓ ସୋନପୁର ୪୫ ଦଶମିକ ୬ ଏବଂ ଭବାନୀପାଟଣାରେ ୪୫ ଦଶମିକ ୫ ଡିଗ୍ରୀ ସେଲସିୟସ୍ ତାପମାତ୍ରା ରେକର୍ଡ କରାଯାଇଛି।

ପାଣିପାଗ ବିଭାଗର ସୂଚନା ଅନୁସାରେ, ଆଉ ଦିନେ ଦୁଇଦିନ ପାଗରେ ବିଶେଷ ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ।

*********************************